# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 15 April - 2026

**********************************

## ମୁଖ୍ୟ ସମ୍ବାଦ

- ନାରୀ ଶକ୍ତି ବନ୍ଦନ ଅଧିନିୟମ ସ୍ୱାଧୀନୋତ୍ତର ଭାରତରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସରକାରଙ୍କ ସବୁଠାରୁ ବଡ଼ ପଦକ୍ଷେପ
- କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ୯୩ ଦଶମିକ ୭/୦ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ
- ପୁରୀ ଶ୍ରୀମନ୍ଦିରରେ ବୈଶାଖ ଶୁକ୍ଳ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ବନକଲାଗି ନୀତି

ଏବଂ

- ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ କାଗଜଭିତ୍ତିକ ପ୍ରଣାଳୀକୁ ପରିବର୍ତ୍ତନ କରାଯାଇ ଏକ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କଲେ ରାଜ୍ୟ ସରକାର

## ନାରୀ ଶକ୍ତି ବନ୍ଦନ-ମୁଖ୍ୟମନ୍ତ୍ରୀ

ନାରୀ ଶକ୍ତି ବନ୍ଦନ ଅଧିନିୟମ ସ୍ୱାଧୀନୋତ୍ତର ଭାରତରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସରକାରଙ୍କର ସବୁଠାରୁ ବଡ଼ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅଧିନିୟମ ଦେଶର ସମସ୍ତ ମହିଳାଙ୍କର ଆକାଂକ୍ଷା ପୂରଣ କରିବା ଦିଗରେ ସୁଯୋଗ ସୃଷ୍ଟି କରିବ। ଅଧିନିୟମ ଦ୍ୱାରା ଲୋକସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ କରାଯାଇଛି। ଭାରତୀୟ ଗଣତନ୍ତ୍ରରେ ମହିଳାମାନେ ନିଜକୁ ସଶକ୍ତ କରିବା ସହିତ ସମାଜ ଓ ରାଷ୍ଟ୍ରଗଠନରେ ସକ୍ରିୟ ଭାଗୀଦାର ହୋଇପାରିଛନ୍ତି। ରାଜ୍ୟର ପ୍ରାୟ ୧୪ ଲକ୍ଷ ୫୦ ହଜାର ମହିଳା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରି ଦକ୍ଷତା ପ୍ରମାଣିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ ହେବାକୁ ସହାୟକ ହୋଇପାରିଛି।

**- V/O -(CM)**

କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ବିଧାନସଭା ଓ ସଂସଦରେ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ୍। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିକୁ ସମ୍ମାନ ଜଣାଇ ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ।

**- V/O - (**ସୁରମା ପାଢ଼ୀ**)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ମହିଳାଙ୍କ ସମ୍ମାନ, ସମାନତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ନିର୍ବାଚିତ ପ୍ରତିନିଧି ଭାବେ ସଂସଦ ଓ ବିଧାନସଭାରେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି। ନାରୀ ଶକ୍ତି ବନ୍ଦନ ଅଧିନିୟମ ପଂଚାୟତରୁ ସଂସଦ ଯିବା ପାଇଁ ରାସ୍ତା ପ୍ରଶସ୍ତ ଓ ସହଜ କରିବ।

**- V/O - (**ପ୍ରଭାତୀ ପରିଡା**)**

କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ ତାଙ୍କର ଅଭିଭାଷଣରେ କହିଥିଲେ, ଘରେ ନାରୀ ଶକ୍ତି ବନ୍ଦନ ହେଲେ, ପୃଥିବୀରେ ନାରୀଶକ୍ତିର ନୂତନ ଅଭ୍ୟୁଦୟ ହେବ। ନାରୀମାନେ ନିଜ ନିଜ ଭିତରେ ଥିବା ଆତ୍ମଶକ୍ତିର ସନ୍ଧାନ କରି ବିକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡକ୍ଟର ଅରୁଣା ମହାନ୍ତି ପ୍ରମୁଖ ନାରୀ ସଶକ୍ତୀକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ମହତ୍ୱାକାଂକ୍ଷୀ ନାରୀ ଶକ୍ତି ବନ୍ଦନ ଅଧିନିୟମ ଏକ ଯୁଗୋପଯୋଗୀ ବୋଲି କହିଥିଲେ।

## ମହିଳା ସଂରକ୍ଷଣ ବିଲ୍

**ମହିଳା ସଂରକ୍ଷଣ ବିଲ୍** ବିଭିନ୍ନ ଦିଗ ଉପରେ ବିଚାର ବିମର୍ଶ କରାଯାଇ ପ୍ରସ୍ତୁତ ହୋଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି।

ନୂଆଦିଲ୍ଲୀଠାରେ ସାମ୍ବାଦିକଙ୍କ ସହିତ  ଆଲୋଚନା କରି ଶ୍ରୀ ରିଜିଜୁ କହିଛନ୍ତି, ପ୍ରତ୍ୟେକ ପ୍ରସଙ୍ଗକୁ ନ୍ୟାୟସଙ୍ଗତ ଭାବେ ବିଚାର କରାଯିବା ସହ ଆସନ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି। ପ୍ରସ୍ତାବିତ ବିଲ୍ ଏକ ସନ୍ତୁଳିତ ଏବଂ ପ୍ରତ୍ୟେକ ସମ୍ପ୍ରଦାୟ, ଅଂଚଳ ଓ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଆକାଂକ୍ଷାକୁ ପୂରଣ କରିପାରିବ ବୋଲି ଶ୍ରୀ ରିଜିଜୁ ଆଶା ବ୍ୟକ୍ତ କରିଛନ୍ତି। ମହିଳା ସଂରକ୍ଷଣ ବିଲ ଉଭୟ ଆଲୋଚନା ପାଇଁ ଆସନ୍ତାକାଲିଠାରୁ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବ।

## ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷ ୯୩ ଦଶମିକ ୭/୦ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବବର୍ଷ ତୁଳନାରେ ଶୂନ ଦଶମିକ ଶୂନ/୪ ପ୍ରତିଶତ ଅଧିକ ପରୀକ୍ଷାର୍ଥୀ ସଫଳ ହୋଇଥିବା ନେଇ ସିବିଏସ୍ଇ ପକ୍ଷରୁ କୁହାଯାଇଛି। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ୧୦ ଜଣ ମେଧା ତାଲିକା ସିବିଏସ୍ଇ ପକ୍ଷରୁ ପ୍ରକାଶ କରାଯାଇ ନାହିଁ। ଅନ୍ୟପକ୍ଷରେ ସର୍ବାଧିକ ମାର୍କ ପାଇଥିବା ଶୂନ ଦଶମିକ ଏକ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଏକ ମେଧା ତାଲିକା ପ୍ରକାଶ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ପରୀକ୍ଷାର୍ଥୀମାନେ  ସେମାନଙ୍କର ପରୀକ୍ଷାଫଳ ସିବିଏସ୍ଇ ୱେବ୍‌ସାଇଟ, ଉମଙ୍ଗ ଆପ୍, ଡିଜିଲକର ୱେବ୍‌ସାଇଟରୁ ପାଇପାରିବେ।

ଚଳିତବର୍ଷ  ୮ ହଜାର ୭୪ଟି ପରୀକ୍ଷା କେନ୍ଦ୍ରରେ ୨୪ ଲକ୍ଷ ୭୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ।

# ବନକଲାଗି

ବୈଶାଖ ଶୁକ୍ଳ ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇଥିବା ଏହି ନୀତି ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏହି ଗୁପ୍ତନୀତି ଅନୁଷ୍ଠିତ ହେଉଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନିତ୍ୟାନନ୍ଦ ଗଣ୍ଡ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତ କରି ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ **ନବରଙ୍ଗପୁର** ବ୍ଲକ୍‌ରେ କେତେକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ତେନ୍ତୁଳିଖୁଣ୍ଟି ଠାରେ ମାର୍କେଟ କମ୍ପ୍ଲେକ୍ସ, ସୁଭଦ୍ରା ଶକ୍ତି ଭବନ ସହିତ ନନ୍ଦାହାଣ୍ଡି ବ୍ଲକ୍‌ରେ ଡିଜିଟାଲ ଲାଇବ୍ରେରୀ, ସିଡିପିଓ ଗୃହ, ମାର୍କେଟ କମ୍ପ୍ଲେକ୍ସ ସୁଭଦ୍ରା ଶକ୍ତି କାଫେର ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ବ୍ଲକ୍‌ର ବଡ଼ମସି ଗାଁରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଆଶ୍ରମ ସ୍କୁଲର ୫୦ ଶଯ୍ୟାବିଶିଷ୍ଟ ଛାତ୍ରାବାସକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା

ବିଧାୟକ ଗୌରୀଶଙ୍କର ମାଝୀ ଓ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡିଜିଟାଲ ରୂପାନ୍ତରଣ

ଡିଜିଟାଲ ରୂପାନ୍ତରଣ ମାଧ୍ୟମରେ ସହରାଞ୍ଚଳ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ ଓଡ଼ିଶା ସେକ୍ରେଟେରୀୟେଟ୍ ୱାର୍କ୍ ଫ୍ଲୋ ଅଟୋମେସନ ସିଷ୍ଟମ୍ କାର୍ଯ୍ୟକାରୀ କରାଯାଇଛି। ପାରମ୍ପରିକ କାଗଜପତ୍ର ଦ୍ୱାରା ଅଫିସ୍ କାମ ବଦଳରେ ଏକ ସମନ୍ୱିତ, ଦକ୍ଷ ଓ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କରାଯାଇଛି। ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ବିଜ୍ଞପିତ ଅଂଚଳ ପରିଷଦରେ ଏହି ବ୍ୟବସ୍ଥା ଲାଗୁ ହୋଇଛି।

## ଦିଶା ବୈଠକ

**ବୌଦ୍ଧ** ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଚଳିତ ଆର୍ଥିକବର୍ଷର ପ୍ରଥମ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ଚାଲିଥିବା କେନ୍ଦ୍ର ସରକାରଙ୍କର ଯୋଜନାଗୁଡ଼ିକର ପ୍ରଗତୀ ଏବଂ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା।

## ପୋକ୍‌ସୋ କର୍ମଶାଳା

**ନୟାଗଡ଼** ଜିଲ୍ଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ପୋକ୍‌ସୋ ଆଇନ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷା ଅଜନ୍ତା ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହରର ୟୁନିଟେକ୍ କଲେଜ ପରିସରରେ ଆୟୋଜିତ ସଚେତନତା ଶିବିରରେ ଛାତ୍ରଛାତ୍ରୀ ପୋକ୍‌ସୋ ଆଇନ୍‌ର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବଂ ଆଇନ୍‌ର ବିଭିନ୍ନ ଧାରା ଉପରେ ଆଲୋଚନା କରିଥିଲେ। ସୁପ୍ରିମକୋର୍ଟଙ୍କର ନିର୍ଦ୍ଦେଶ ଅନୁସାରେ, ନାରୀ ସୁରକ୍ଷା ଉପରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ଜୀବିକା ମିଶନ

**ନୂଆପଡ଼ା** ଜିଲ୍ଲାରେ ଓଡ଼ିଶା ଜୀବିକା ମିଶନ-ଓଏଲ୍‌ଏମ୍ ଓ ମିଶନଶକ୍ତିର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ୫ ହଜାର ୯୫୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ୩୦ କୋଟି ୩୬୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ପ୍ରଦାନ କରାଯାଇଛି । ଧାର୍ଯ୍ୟ ଲକ୍ଷ୍ୟଠାରୁ ୫୧୮ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ମିଳିଛି। ଚଳିତବର୍ଷ ମାର୍ଚ୍ଚ ମାସରେ ୭୭ଟି ପ୍ରବାସୀ ଶ୍ରମିକ ପରିବାରକୁ ୮ ଲକ୍ଷ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି।

## ଜିଲ୍ଲା ପରିଷଦ ବୈଠକ

**ରାୟଗଡ଼ା** ଜିଲ୍ଲା ପରିଷଦର ୮୨ତମ ବୈଠକ ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ପୌରୋହିତ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଥେରୁବାଲି ରେଳପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ସମସ୍ତଙ୍କ ସହଯୋଗ ଲୋଡା ଯାଇଥିଲା। ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଜନଜାତି କଲ୍ୟାଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ, ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମିରର ଗ୍ୟାଲେରୀ

**ଢେଙ୍କାନାଳ** ଜିଲ୍ଲା ବିଜ୍ଞାନ କେନ୍ଦ୍ରଠାରେ ନୂତନ ମିରର ଗ୍ୟାଲେରୀକୁ ନାଇଜରର ନିର୍ଦ୍ଦେଶକ ହିରେନ୍ଦ୍ର ନାଥ ଘୋଷ ଆଜି ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ବିଜ୍ଞାନ ମଣିଷ ମନରେ କୌତୁହଳ ସୃଷ୍ଟି କରୁଥିବା ବିଷୟବସ୍ତୁ ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରିଥାଏ। ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରତି ଆକର୍ଷିତ ହେବା ଆବଶ୍ୟକ। କାର୍ଯ୍ୟକ୍ରମରେ କୋଲକାତା ସାଇନ୍ସ ସିଟିର ନିର୍ଦ୍ଦେଶକ ପ୍ରମୋଦ ଗ୍ରୋଭର ବିଜ୍ଞାନ କେନ୍ଦ୍ରର ଉନ୍ନତି ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ କେନ୍ଦ୍ର ଅଧିକାରୀ ଏମ୍.ଏମ୍.ରାଉତ ମିରର ଗ୍ୟାଲେରୀ ବିଷୟରେ ଆଲୋଚନା କରିଥିଲେ।